# ପିଲାଙ୍କ ଧରିତ୍ରୀ



ଶନିବାର, ୦୮ ଫେବୃୟାରୀ ୨୦୨୦



## ମତାମତ

ପିଲାଙ୍କ ଧରିତ୍ରୀର ପୃଷ୍ଠା ୨ର ଗପ ସ୍ତମ୍ଭରେ ସ୍ଥାନିତ 'ବିଲୁଆର ବୁଦ୍ଧି' ବେଶ୍ ଶିକ୍ଷଣୀୟ ଥିଲା।

**- ଲିଟିଲ୍, ଟ୍ୱିଙ୍କିଲ୍, ସୋନାଲୀ,**
ନରେନ୍ଦ୍ରପୁର, ଗଞ୍ଜାମ

ଏଥର ହସକଥାରେ ପ୍ରକାଶିତ ତାରା ଏବଂ ଆଇସ୍‌କ୍ରିମ୍ କଥା ପଢ଼ି ଖୁବ୍ ହସିଲି।

**- ଭବାନୀ ଶଙ୍କର ପଣ୍ଡା,**
କ୍ରିଦାଶପୁର, ନୟାଗଡ

ଭାରତୀୟ ମହିଳା ଯେ ବେଶ୍ ସଶକ୍ତ ଓ ଦକ୍ଷ ତାହା ମିଶାଇଲ୍ ବୈଜ୍ଞାନିକ ଟେସି ଥୋମାସଙ୍କ ଜୀବନୀରୁ ପ୍ରମାଣିତ ହୋଇଛି।

**- ସ୍ନେହା ସିଂ,** ଭଦ୍ରକ

ବହୁମୁଖୀ ପ୍ରତିଭାର ଅଧିକାରିଣୀ ଦେବାଙ୍ଗୀ ବାସ୍ତବରେ ଅନ୍ୟମାନଙ୍କ ପାଇଁ ପ୍ରେରଣା।

**- ଲକ୍ଷ୍ମୀପ୍ରିୟା ହୋତା,**
ଜୟପୁର, କୋରାପୁଟ

# ତୁମେ ମହାନ୍

ଗପ



ଗାଁ ଶେଷରେ ଏକ ବଣ। ଦିନେ ଶାଗୁଣାଟିଏ ଉଡ଼ି ଉଡ଼ି ଆସି ମୟୂର ରହୁଥିବା ସ୍ଥାନ ପାଖରେ ବସିଲା। ତାକୁ ଦେଖି ମୟୂର କହିଲା– ଭାଇ, ତୁମେ ତ ଆଜି ଭାରି କ୍ଳାନ୍ତ ଜଣାପଡୁଛ। ଆଜି କ'ଣ କିଛି ଖାଇବାକୁ ମିଳିଲାନି କି? ଶାଗୁଣା ମୟୂରର କଅଁଳିଆ କଥା ଶୁଣି ଭେଁ କିନା କାନ୍ଦି ଉଠିଲା। ସେ କଇଁ କଇଁ ହୋଇ କହିଲା– ତୁମେ ତ ଭାଗ୍ୟବାନ୍। ତୁମକୁ ସମସ୍ତେ ଭଲ ପାଉଛନ୍ତି। କିନ୍ତୁ କାହିଁକି କେଜାଣି ମୋତେ ଦେଖିଲେ ସମସ୍ତେ ନାକ ଟେକୁଛନ୍ତି। ଆଉ କହୁଛନ୍ତି ମୁଁ କୁଆଡ଼େ ଅମଙ୍ଗଳ। ମୋତେ ଦେଖି କୌଣସି କାମରେ ବାହାରିଲେ ସବୁ କାମରେ ବାଧା ସୃଷ୍ଟି ହୁଏ। ଶାଗୁଣାର ଏ କଥାରେ ମୟୂରର ମନ ଭାରି ଦୁଃଖ ହେଲା। ସେ ତାକୁ ବୁଝାଇ କହିଲା– କଥାଟା କ'ଣ ମୋତେ ଖୋଲି କରି କୁହ। ମୁଁ ତା'ର ବ୍ୟବସ୍ଥା କରିବି।

ଶାଗୁଣା କହିଲା– ପଚାରୁଛ ଯେବେ ମୁଁ କହୁଛି ଶୁଣ। ଆଜି ସକାଳୁ ପାଖ ଗାଁ ମୁଣ୍ଡରେ ଗୋଟିଏ ମଲା ଗାଇ ପଡିଥିଲା। କୁଆ ମୋତେ ଖବର ଦେବାରୁ ମୁଁ ସେଠାକୁ ଆସିଲି। ବିଲୁଆ, କୁକୁର ବି ସେଠାକୁ ଆସିଲେ। କିନ୍ତୁ ଆମେ ତାକୁ ଖାଇବାକୁ ପ୍ରସ୍ତୁତ ହେଉଥିବାବେଳେ ଗୋଟିଏ ବଡ଼ ଗାଡ଼ିରେ କିଛି ଲୋକ ଆସି, ତାକୁ ଟେକି ନେଇ ପଳେଇଲେ। ଆଉ କହିଲେ– ଏଇଟା ପଡ଼ିବାରୁ ଏମାନେ ଆସୁଛନ୍ତି ଆଉ ପରିବେଶ ଅସନା କରୁଛନ୍ତି।

ମୟୂର ପଚାରିଲା– ତା'ପରେ କ'ଣ ହେଲା। ଏଥିପାଇଁ ତୁମେ ପ୍ରତିବାଦ କଲନି। ଶାଗୁଣା କହିଲା– ହଁ, କଲୁ; କିନ୍ତୁ ଆମ କଥା ଶୁଣୁଛି କିଏ ? ସେମାନେ କୁହାକୁହି ହେଉଥିବାର ଶୁଣିଲି ଯେ ଆମେମାନେ କୁଆଡେ ବିଭିନ୍ନ ରୋଗର ବାହକ।

ମୟୂର ଟିକେ ମୁଣ୍ଡରେ ହାତଦେଇ ଚିନ୍ତାକଲା। ତା'ପରେ କହିଲା– ମଣିଷମାନେ ତ ନିଜେ ଏଗୁଡ଼ିକର ବାହକ। ସେମାନେ ଜୀବଜନ୍ତୁଙ୍କଠାରୁ ଉପକାର ନେବେ, କିନ୍ତୁ ସେମାନଙ୍କୁ ଭଲ ପରିବେଶରେ ରଖିବେନି। ସେମାନଙ୍କୁ ଭଲ ଖାଦ୍ୟ ଦେବେନି, ଯାହାଫଳରେ ସେମାନେ ଭୋକ ଉପାସରେ ରହିବା ସହିତ ଅଖାଦ୍ୟ ଖାଇ ଅସୁସ୍ଥ ହେବେ। ସେମାନଙ୍କ ରୋଗର ଜୀବାଣୁ ମଣିଷ ପାଖରେ ପହଞ୍ଚି ସେମାନଙ୍କୁ ବି ଅସୁସ୍ଥ କରାଇବ। ଏ ଭୁଲ୍ କାହାର ?

ଏହା ଶୁଣି ଶାଗୁଣା ଟିକେ ମନ ହାଲୁକା କରି କହିଲା– ମଣିଷମାନେ ତେବେ ସବୁ ଅଶାନ୍ତିର ମୂଳକାରଣ! ସେମାନେ ବୁଝିଗଲେ ଆମର ଦୁଃଖ ଦୂରେଇବ, ଏହା ନିଃସନ୍ଦେହରେ କୁହାଯାଇପାରେ। ତା'ପରେ ମୟୂର କହିଲା– ମୁଁ ଯାଉଛି ତୁମର ଏକଥାକୁ ମଣିଷମାନଙ୍କ ଆଗରେ କହିବି। ଏହା ଶୁଣି ଶାଗୁଣା କହିଲା– ପ୍ରକୃତରେ ତୁମେ ମହାନ୍।

**– ରମେଶ ଚନ୍ଦ୍ର ଦାଶ**
ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ
ମୋ: ୯୭୭୬୨୩୮୫୨୨

## ବିନ୍ଦୁ ଯୋଡ଼



## ଖିଲିଖିଲି ହସ

ଦିନେ ଚୁନୁ ତାଙ୍କ ଦୁଇ ମହଲାର ବାଲ୍‌କୋନିରେ ବସି ପାଠ ପଢୁଥିଲା। ଏହା ଦେଖି ମୁନୁ କହିଲା–ଆରେ ଚୁନୁ, ତୁ ସେଠାରେ ବସି କ'ଣ କରୁଛୁ ?
ଚୁନୁ: ମୁଁ ହାୟର ଷ୍ଟଡିଜ୍ କରୁଛି।

ସୋନୁ: ବଣ୍ଟି, ଗୋଟିଏ ବାକ୍ୟ କହିବି, ତା'ର ଭବିଷ୍ୟତ କାଳ କ'ଣ ହେବ କହିଲୁ ?
ବଣ୍ଟି : ପଚାର।
ସୋନୁ: ବର୍ଷା ସହିତ ପବନ ଜୋର ହେଉଛି।
ବଣ୍ଟି: (ହସିକି) ଏବେ କରେଣ୍ଟ ଯିବ।

ସଞ୍ଜୁ: ସ୍ନେହା, ବସନ୍ତ ତୁମକୁ ମୁଥ ମାରିଲା। ଏହି ବାକ୍ୟଟିକୁ ଇଂଲିଶ୍‌ରେ ଟ୍ରାନ୍ସଲେଟ୍ କର।
ମଞ୍ଜୁ (ହସିକି): ବସନ୍ତ ପଞ୍ଚ୍ ମି।

## ଚଗଲା ଭୀମୁ





## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡ଼ିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଅବୁଝା ଭାଷଣ



## ଆଲବର୍ଟ ଆଇନ୍‌ଷ୍ଟାଇନ୍
## ବିଚିତ୍ର ବୈଜ୍ଞାନିକ


ବାହାପିଆମାନେ ସିନା ଯେତେବେଳେ ଯାହା ପାଇଲେ ଗପନ୍ତି, ହେଲେ ଚୁପ୍‌ଚାପ୍ ରହିବା ବୈଜ୍ଞାନିକମାନଙ୍କର ଗୋଟିଏ ବଡ଼ ଗୁଣ। କିଛି କହିବାକୁ ଠିକ୍‌କରି ନ ଥିଲେ ସେମାନେ କିଛି କହନ୍ତି ନାହିଁ। ସେଥିପାଇଁ ସମସ୍ତେ ତାଙ୍କ କଥାକୁ ଗୁରୁତ୍ୱ ଦିଅନ୍ତି। ଏ ଗୁଣଟି ବିଶେଷ ଭାବେ ଥିଲା ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ ପାଖରେ। କଥିତ ଅଛି ଯେ, ଥରେ ତାଙ୍କୁ ଆମେରିକା କଂଗ୍ରେସକୁ ମନୋନୀତ କରାଯାଇଥିଲା। ତେବେ ସେ ଗୃହରେ କଦାପି କିଛି କହୁ ନ ଥିଲେ। ସେଠାରେ ବସି ସେ କେବଳ ଭାବୁଥିଲେ ତାଙ୍କ ଗବେଷଣା ବିଷୟରେ।

ଥରକର କଥା। କଂଗ୍ରେସର ଅଧିବେଶନ ଚାଲିଥାଏ। ଆଇନ୍‌ଷ୍ଟାଇନ୍ ଏକ ଖୋଲା ଝରକା ପାଖରେ ଚୁପ୍‌ଚାପ୍ ବସିଥାନ୍ତି। ଏହା ଦେଇ ଭିତରକୁ ଖରା ପଡୁଥିଲା ତାଙ୍କ ଉପରେ। କିଛି ସମୟ ପରେ ସେ ହଠାତ୍ ନିଜ ଆସନରୁ ଉଠି ଠିଆ ହୋଇଗଲେ। ଏତେବଡ଼ ବୈଜ୍ଞାନିକ ପ୍ରଥମଥର ପାଇଁ କ'ଣ କହିବେ, ଏହା ଭାବି ସଭାଗୃହର ସମସ୍ତେ ଚୁପ୍‌ଚାପ୍ ହୋଇଗଲେ ଓ ଚାହିଁ ରହିଲେ ତାଙ୍କ ମୁହଁକୁ। ଆଇନ୍‌ଷ୍ଟାଇନ୍ ବିନୀତ ଭାବେ ଅଧ୍ୟକ୍ଷଙ୍କୁ ଅନୁରୋଧକଲେ କାହାରିକୁ ପଠାଇ ଝରକାଟି ବନ୍ଦ କରିଦେବାକୁ। ତା'ପରେ ସେ ପୁଣି ଚୁପ୍‌ଚାପ୍ ବସିପଡ଼ିଲେ।

ସେହିପରି ଆଉ ଗୋଟିଏ ଘଟଣା। ଥରେ ସେ ବାସକରୁଥିବା ସ୍ୱାର୍ଥମୋର୍‌ର ଆଞ୍ଚଳିକ ମୁଖ୍ୟ ତାଙ୍କୁ ଏକ ଭୋଜିକୁ ଆମନ୍ତ୍ରଣ କଲେ। ସେଠାକୁ ଆସିଥାନ୍ତି ଆହୁରି ଅନେକ ମାନ୍ୟଗଣ୍ୟ ଲୋକ। ଆଇନ୍‌ଷ୍ଟାଇନ୍ ଯାଇ ପହଞ୍ଚିଲେ। ତା'ପରେ ମୁଖିଆ ତାଙ୍କୁ ଅନୁରୋଧ କଲେ ଛୋଟ ଭାଷଣଟିଏ ଦେବାକୁ। ଏଥିପାଇଁ ଆଇନ୍‌ଷ୍ଟାଇନ୍ ପ୍ରସ୍ତୁତ ନ ଥିଲେ। ତେଣୁ ସେ ଉଠି କହିଲେ- ''ଭଦ୍ରମହିଳା ଓ ଭଦ୍ରବ୍ୟକ୍ତିମାନେ, ମୁଁ ଦୁଃଖର ସହିତ କହୁଛି ଯେ, ଏବେ ମୋର ଆପଣମାନଙ୍କୁ କିଛି କହିବାର ନାହିଁ।'' ତା'ପରେ ସେ ସେଥିରେ ଯୋଗକଲେ- ''ଯଦି କେବେ ମୋର କିଛି କହିବା ଦରକାର ବୋଲି ମୁଁ ମନେକରେ, ତେବେ ସେତେବେଳେ ଆସି ତାହା କହିବି...।''

ଏହାଭିତରେ ଛ'ମାସ ବିତିଗଲା। ଦିନେ ଆଇନ୍‌ଷ୍ଟାଇନ୍ ମୁଖିଆଙ୍କୁ ଚିଠି ମାଧ୍ୟମରେ ଜଣାଇଲେ-''ଏବେ ମୋର କିଛି କହିବାକୁ ଅଛି।'' ଏଣୁ ଆଉ ଗୋଟିଏ ଭୋଜିର ଆୟୋଜନ କରାଗଲା। ଏଥିରେ ସେ ଭାଷଣଟିଏ ଦେଲେ। ଏହାର ବିଷୟବସ୍ତୁ ଥିଲା 'ଆଲୋକ-ବୈଦ୍ୟୁତିକ ପ୍ରଭାବ' (ଫଟୋ ଇଲେକ୍‌ଟ୍ରିକ୍ ଇଫେକ୍ଟ) ସମ୍ପର୍କରେ। ଏଥି ଅନୁଯାୟୀ ଆଲୋକରଶ୍ମି 'ଫୋଟନ୍' ନାମକ କଣିକାଗୁଡ଼ିକରେ ଗଢ଼ା। ଏଣୁ ଯେତେବେଳେ ଯଥେଷ୍ଟ ଆବୃତ୍ତି ସମ୍ପନ୍ନ (ଫ୍ରିକ୍ୱେନ୍‌ସି) ରଶ୍ମିଟିଏ କେତେକ ଧାତୁ ଉପରେ ପଡ଼େ, ସେତେବେଳେ ତହିଁରେ ଥିବା ଇଲେକ୍‌ଟ୍ରନ୍‌ମାନେ ତହିଁରୁ ଶକ୍ତି ଶୋଷଣକରି ଉତ୍ତେଜିତ ହୋଇପଡ଼ନ୍ତି ଏବଂ ନିର୍ଗତ ହେବାକୁ ଲାଗନ୍ତି। ଉଦାହରଣ ସ୍ୱରୂପ, ଅଲ୍‌ଟ୍ରାଭାଓଲେଟ୍ ରଶ୍ମି ସିଜିୟମ୍, ଲିଥିୟମ୍, ସୋଡିୟମ୍, ପଟାସିୟମ୍ ଭଳି ଧାତୁ ଉପରେ ପଡ଼ିଲେ ଏପରି ଘଟେ। ଏହାକୁ କହନ୍ତି ଆଲୋକ-ବୈଦ୍ୟୁତିକ ଇଲେକ୍‌ଟ୍ରନ। ଏହା ଫଳରେ ବିଦ୍ୟୁତ୍ ପ୍ରବାହ ଘଟେ ଏବଂ ତା' ହେଲା ଆଲୋକୀୟ ବିଦ୍ୟୁତ୍।

ଏପରି ଘଟଣାକୁ ହର୍ଜ ପ୍ରଭାବ ବୋଲି ମଧ୍ୟ କୁହାଯାଏ। କାରଣ, ବୈଜ୍ଞାନିକ ହେନେରିକ୍ ରୁଡେଲ୍‌ଫ୍ ହର୍ଜ ପ୍ରଥମେ ଏହା ଆବିଷ୍କାର କରିଥିଲେ। ତେବେ ଏହା ମୂଳରେ ଥିବା ତତ୍ତ୍ୱଟି ସେ ଠିକ୍‌ରୂପେ ବ୍ୟାଖ୍ୟା କରିପାରି ନ ଥିଲେ। ଆଲୋକ-ବୈଦ୍ୟୁତିକ ପ୍ରଭାବ ଆଲୋକ ଏବଂ ଇଲେକ୍‌ଟ୍ରନ୍‌ର କ୍ୱାଣ୍ଟମ୍ ପ୍ରକୃତି ବୁଝିବାରେ ସାହାଯ୍ୟକରେ। ଏହାଯୋଗୁ ତରଙ୍ଗ-କଣିକା ଦ୍ୱୈତ-ଚିନ୍ତାଧାରାର ବିକାଶ ହେଲା। ଆଇନ୍‌ଷ୍ଟାଇନ୍ ଏହାର ମୂଳତତ୍ତ୍ୱ ବୁଝାଇବାକୁ ସକ୍ଷମ ହୋଇଥିଲେ। ସେଥିପାଇଁ ତାଙ୍କୁ ୧୯୨୧ ମସିହାରେ ମିଳିଥିଲା ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର।




ସେଦିନ ସେ ଏହି ବିଷୟରେ ହିଁ ଭାଷଣ ଦେଇଥିଲେ। ତେବେ ବୋଧହୁଏ ତାହାକୁ ସେଠାରେ ଥିବା କେହି ବୁଝିବାକୁ ସକ୍ଷମ ହୋଇ ନ ଥିଲେ। ଅତଏବ ପ୍ରଥମେ ଯେତେବେଳେ ତାଙ୍କୁ କହିବାକୁ ଅନୁରୋଧ କରାଯାଇଥିଲା, ସେତେବେଳେ ତାଙ୍କର କହିବାକୁ କିଛି ନ ଥିଲା, ପରେ ସେ ଯେତେବେଳେ କିଛି କହିଲେ, ତାହା ବୁଝିବାକୁ କେହି ନ ଥିଲେ।

**-ପ୍ର. ରମେଶ ଚନ୍ଦ୍ର ପରିଡ଼ା**
ମୋ: ୯୯୩୭୯୮୫୭୬୭


# ଖାଦ୍ୟ ସଂଗ୍ରହାଳୟ

ପୃଥିବୀରେ ବିଭିନ୍ନ ପ୍ରକାର ସଂଗ୍ରହାଳୟ ରହିଛି। ତନ୍ମଧ୍ୟରୁ ଅନ୍ୟତମ ମାଲେସିଆର ପେନାଙ୍ଗଠାରେ ଥିବା 'ୱଣ୍ଡର ଫୁଡ ମ୍ୟୁଜିୟମ୍'। ପୃଥିବୀର ସର୍ବପ୍ରଥମ ଖାଦ୍ୟ ସଂଗ୍ରହାଳୟ ଭାବେ ଏହା ୨୦୧୫ରେ ପ୍ରତିଷ୍ଠା ଲାଭ କରିଥିଲା। ଏହି ମ୍ୟୁଜିୟମରେ ପର୍ଯ୍ୟଟକମାନେ ଇଣ୍ଡିଆନ, ଚାଇନିଜ୍, ମାଲେସିଆ ଆଦିର ପାରମ୍ପରିକ ଖାଦ୍ୟଠାରୁ ଆରମ୍ଭ କରି ଷ୍ଟ୍ରିଟ୍ ଫୁଡ୍ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଖାଦ୍ୟପଦାର୍ଥର ପ୍ରଦର୍ଶନୀ ଦେଖିପାରିବେ। ଏଠାରେ ୩ଟି ଜୋନ ରହିଛି ଯଥା ; ଇନ୍‌ଫୋ ଜୋନ୍, ୱାଓ ଜୋନ ଏବଂ ଏଜୁକେଶନାଲ ଜୋନ। ଏହି ସବୁ ଜୋନ୍‌ରେ ପର୍ଯ୍ୟଟକମାନେ ଖାଦ୍ୟ ସମ୍ବନ୍ଧୀୟ ବିଭିନ୍ନ ସୂଚନା ପାଇବା ସହ ଖାଦ୍ୟପଦାର୍ଥର ବିଭିନ୍ନ ପ୍ରତିଛବି ତଥା ପ୍ଲାଷ୍ଟିକରେ ନିର୍ମିତ ବୃହତ୍‌କାୟ ଖାଦ୍ୟ ପଦାର୍ଥର ଡମି ଦେଖିବାର ସୁଯୋଗ ପାଇଥାନ୍ତି। ଏହି ଡମିଗୁଡିକ ଦେଖିବା ଲାଗି ବେଶ୍ ଜୀବନ୍ତ ଲାଗେ। ପର୍ଯ୍ୟଟକମାନେ ଏଠାରେ ଏହି ଖାଦ୍ୟପଦାର୍ଥ ସହ ଫଟୋ ଉଠେଇବାର ମଧ୍ୟ ମଜା ନେଇଥାନ୍ତି। ଫୁଡ ଲଭରଙ୍କ ପାଇଁ ଏହା ନିହାତି ଭାବେ ଏକ ମଜାଦାର ଭ୍ରମଣ ସ୍ଥଳୀ।






ଆସ ଜାଣିବା



୧



୨



୩




୪




୫



୧୦



୬



୭




୮



୯

୧



ଦେବ ପ୍ରତୀକ ଦେ
କ୍ଲାସ- ୭, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ନୀଳାଦ୍ରି ବିହାର, ଭୁବନେଶ୍ୱର

୨



ଓମ୍ ତନ୍ମୟ ସାହୁ
କ୍ଲାସ- ୬, ବ୍ରାହ୍ମଣ ସାଇଲୋ ନୋଡାଲ ସ୍କୁଲ, କଟକ

୩



ଯୋଦ୍ଧାଜିତ୍ ଧରୁଆ
କ୍ଲାସ- ୮, ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ, ବଲାଙ୍ଗୀର

୪



ମନସ୍ୱିନୀ ସାହୁ
କ୍ଲାସ- ୯, କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ

୫



ଅବିନାଶ ସାହୁ
କ୍ଲାସ-୧୦, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଅନୁଗୋଳ

୬



ସଦୀକ୍ଷା ଶ୍ରୀୟାଂଶୀ
କ୍ଲାସ- ୨, ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲ, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

୭



ହେମଲତା ନାଗ
କ୍ଲାସ- ୬, ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶୁକ୍ଳୀମୁଣ୍ଡି, ନୂଆପଡା

୮



ମନ୍ମଥ ପ୍ରଧାନ
କ୍ଲାସ-୭ , ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର

୯



ତୁଳସୀ ରାଣୀ ସାହୁ
କ୍ଲାସ- ୭, ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ, ବଲାଙ୍ଗୀର

୧୦




ଦୀକ୍ଷା ଦେବାଂଶୀ ବରାଳ
କ୍ଲାସ- ୧, କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱର




## କହିଲ ଦେଖି

**ଫ**ଳଟିଏ ନୀଳ ହଳଦିଆ
ପାଟିକୁ ମିଠା ଖଟା ବଢ଼ିଆ ।
ହୁଏ ତିନି ଅକ୍ଷରରେ ନାମ
ନୁହେଁ ବିଷ୍ଣୁଙ୍କ ପ୍ରିୟତମା,
ଦୁଇ ତିନିରେ ପାଣି ସ୍ଥାନ ସତ
ଏକ ଦୁଇ ହୁଏ ଅଧିକ ବିପରୀତ ।
ଏକ ତିନି ମିଶି ବୁଝାଏ ରଂଗ
କହିଲ ଦେଖି ଯେ ଆଚାର ଅଙ୍ଗ ॥

ଉତ୍ତରः କମଳା



**ଗୁ**ଡ଼ରେ କରି ଦ୍ରବଣ
ମୁଢ଼ି ଲିଆରେ ନିର୍ମାଣ ।
ପିଲା ଟୋକାଙ୍କର ଆଦର
ଦାନ୍ତ ନ ଥିଲେ ହତାଦର ।
ଶୀତରେ ଧନୁସଂକ୍ରାନ୍ତି
ଦିଅଁଙ୍କୁ ମନ୍ଦିରରେ ପୂଜନ୍ତି ।
ମିଠା ମୁସ୍‌ମୁସ୍ ସୁଆଦ
ଯେ ଚାଖେ ଜାଣେ ଆନନ୍ଦ ॥

ଉତ୍ତରः ମୁଆଁ



– ରମାକାନ୍ତ ପୁରୋହିତ
ନିରାକାରପୁର, ଖୋରଧା

## କବିତା

### ଫୁଲଙ୍କ କଳି

**ସ**କାଳେ ଝରା କାକରେ
କରିଲେ ଫୁଲ ସଭା,
ବଖାଣି ଗଲେ ନିଜ ବଡ଼ିମା
କା’ ଯୋଗୁ ଧରା ଶୋଭା ।
ସବୁଠୁ ଆଗ ଗେଣ୍ଡୁ କହିଲା
ଆଖିକି କରି ବଡ଼,
ମୁଁ ଆସିଲେ ଶୀତ ଆସଇ
ହୁଏ ମୁଁ ଯେବେ କଢ଼ ।
ସବୁରି ବାଡ଼ି ବଗିଚାରେ ମୁଁ
ଆଗ ଫୁଟି ହସଇ,
ତୁମେ ସବୁ ତ ମୋ ପଛେ ଆସ
ଟପିପାରିବ କେହି ?
ସୂରୁଯମୁଖୀ କହିଲା ହସି
ମୁଁ ତ ସୂରୁଯ ପ୍ରିୟ,
ମୋ ପାଇଁ ପରା ତପନ ଯାଏ
ଯୁଆଡ଼େ ମୋର ମୁହଁ ।
ଶୋଭା ଖାଲି ମୁଁ ବଢ଼ାଏ ନାହିଁ
କରେ ବି ଉପକାର,
କହିପାରିବ ମୋ ପରି କିଏ
ଏପରି କାମ କର ?
ଗୋଲାପ, ସେବତୀ ଶୁଣି କହିଲେ
ଦେଖାଉଅଛ ଭାଉ,
ଆମେ ଦୁହେଁ ବି ନୋହୁଁ କଅମ
ବାସ, ଖୁସି ବି ଦେଉ ।
ଧରଣୀ ମା’ ସବୁ ଶୁଣିକି
କହିଲେ ହସି ହସି,



କାହିଁକି ପିଲେ ! କଳି କରୁଛ
ଚଳରେ ମିଳିମିଶି ।
ତୁମେ ସଭିଏଁ ମୋହରି ପିଲା
କେହି ନୁହଁରେ କମ,
ରୂପ, ବାସରେ ଅଲଗା ସିନା
ଏକା ସବୁରି କାମ ।
ଜନତା ଉପକାର ପାଇଁ କି
ତୁମେ ଜନମ ପରା,
ତୁମରି ପାଇଁ ମୁହିଁ ପରାରେ
ଧରେ ଶୋଭା ପସରା ।

– ପ୍ରଭାତ ନଳିନୀ ସାହୁ
ଏମ୍‌ଆଇଆଇସିଆର–୬୪
ଛେଣ୍ଡ୍ କଲୋନୀ, ରାଉରକେଲା



### ଜନମ ସାର୍ଥକ ହେଉ

**ଟି**କି କଳିକା ମୁଁ ବନ ଉପବନେ
ଫୁଟି ବାସ ଚହଟାଇ,
ପାଗଳ ଭଅଁର ମଧୁ ଚୁମୁଥାଏ
ଖାଲି ମତୁଆଲା ହୋଇ ।
ମାଳୀଭାଇ ମୋତେ ସାଇତି ରଖିଛି
ବାପା, ମା’ ପରି ହୋଇ,
ପାଣି ଦେଇ ମୋତେ ବଞ୍ଚାଇଛି ସିଏ
ମୁଣ୍ଡଝାଳ ତୁଣ୍ଡେ ଦେଇ ।
ଗୁହାରି କରୁଛି ବନମାଳୀ ତୋତେ
ସେହି ବାଟେ ଦେ’ ଫିଙ୍ଗି,
ଯେଉଁଠି ଯାଆନ୍ତି ଏ ଦେଶ ସୈନିକ
ଦେଶର ସୁରକ୍ଷା ଲାଗି ।
ଆଉ ଥରେ ମୁହିଁ କରୁଅଛି ଅଳି
ଜନମ ସାର୍ଥକ ହେଉ,
ଦେବତାଙ୍କ ଶିରେ ସକାଳରୁ ସଂଜେ
ନିତି ପ୍ରତି ପୂଜା ପାଉ ।



– ଜଗନ୍ନାଥ ସାମଲ
ତୁଳସୀପୁର, ଭଣ୍ଡାରିପୋଖରୀ,
ଭଦ୍ରକ, ମୋ:୯୪୩୭୩୦୯୯୩୬

## ଶିଶୁ ପ୍ରତିଭା

### ଅଲରାଉଣ୍ଡର ବିଶ୍ୱବନ୍ଦିତା



**କୌ**ଣସି କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରି ପ୍ରଶଂସିତ ହେବା ସହଜ କଥା ନୁହେଁ। ଏଥିପାଇଁ ପ୍ରଗାଢ଼ ଚେଷ୍ଟା ସହ ଅକ୍ଲାନ୍ତ ପରିଶ୍ରମ ଆବଶ୍ୟକ। ଅନ୍ୟପକ୍ଷରେ ନିଜର ପ୍ରତିଭାକୁ ଲୋକଲୋଚନକୁ ଆଣି ପ୍ରଶଂସିତ ଏବଂ ପୁରସ୍କୃତ ହେବାର ଅନେକ ନଜିର ମଧ୍ୟ ରହିଛି। ଗୋଟିଏ ପଟେ ପାଠପଢ଼ା, ଅନ୍ୟପଟେ ନିଜକୁ ଏକାଧାରରେ ଜଣେ ଆଥ୍‌ଲେଟ୍, ଚିତ୍ରଶିଳ୍ପୀ ଏବଂ ଗାୟିକା ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଛନ୍ତି ସେ। ତା’ ସହ ସ୍କୁଲରେ ବକ୍ତୃତା, ନାଚ, ଗୀତ, ମ୍ୟାଥ୍ ଅଲିମ୍ପିୟାଡ, ସାଇନ୍ସ ଅଲିମ୍ପିୟାଡରେ ଅଂଶଗ୍ରହଣ କରି ପୁରସ୍କୃତ ମଧ୍ୟ ହୋଇଛନ୍ତି। ଏପରି ଅଲ୍‌ରାଉଣ୍ଡର ପ୍ରତିଭା ହେଲେ କଟକ ଜିଲା ତେଲେଙ୍ଗାପେଣ୍ଠରେ ଜନ୍ମିତା ବିଶ୍ୱବନ୍ଦିତା ମହାପାତ୍ର। ବର୍ତ୍ତମାନ ସେ ନଛିପୁର (କଟକ) ଅନ୍ତର୍ଗତ ସୁଦ୍ଧାନନ୍ଦ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ। ନିଜକୁ ଜଣେ ମେଧାବୀ ଛାତ୍ରୀ ଭାବରେ ପ୍ରତିପାଦିତ କରିବା ସହ ଅନ୍ତର୍ନିହିତ ପ୍ରତିଭା ବଳରେ ସେ ଆଜି ଯେଉଁ ସଫଳତା ହାସଲ କରିଛନ୍ତି ସେ ବିଷୟରେ କହନ୍ତି, ‘‘ମୁଁ ସବୁବେଳେ ପ୍ଲାନିଂ ଅନୁସାରେ ଆଗେଇଥାଏ। ପରଦିନ କ’ଣ କରିବି ତା’ ପୂର୍ବଦିନ ରାତିରେ ଯୋଜନା ପ୍ରସ୍ତୁତ କରେ। ବାକି ରହିଲା ଆଥ୍‌ଲେଟ୍ ହେବାର ନିଶା। ମୋତେ ସେତେବେଳେ ମାତ୍ର ୫ବର୍ଷ ବୟସ ହୋଇଥାଏ। ଆମ ସ୍କୁଲରେ ଆୟୋଜିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଆଥ୍‌ଲେଟ୍ ଚାମ୍ପିୟନ ଟ୍ରଫି ହାସଲ କରିଥିଲି। ତା’ପରେ ମୋର ଏହି ନିଶା ଦ୍ୱିଗୁଣିତ ହୋଇଥିଲା। ପରବର୍ତ୍ତୀ ସମୟରେ ମୁଁ ଅଷ୍ଟମ ଏବଂ ଦଶମରେ ଏହି ଟ୍ରଫି ହାସଲ କରିଛି। ବିଶେଷଭାବରେ ଟ୍ରାକ୍ ଇଭେଣ୍ଟରେ ଅନେକ ଥର ୧୦୦ମି.ରେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ଶଟ୍‌ପୁଟ୍, ଲଙ୍ଗ୍‌ଜମ୍ପ, ହାଇଜମ୍ପ୍‌ରେ ମଧ୍ୟ ପୁରସ୍କୃତ ହୋଇଛି। ଅନ୍ୟପକ୍ଷରେ କୌଣସି ଜିନିଷ ଦେଖିବା ପରେ ତାହାକୁ ଚିତ୍ରର ରୂପ ଦେବାକୁ ତତ୍ପର ହୋଇଉଠେ। ମୋ’ ରଚିତ ଗପ କେତେକ ଖବରକାଗଜ ଏବଂ ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଛି। ଏ କ୍ଷେତ୍ରରେ ବାପା ହିମାଂଶୁ ଶେଖର ମହାପାତ୍ର ଏବଂ ମା’ ମମତା ମହାପାତ୍ରଙ୍କ ପ୍ରେରଣା ମୋ’ ପାଇଁ ସର୍ବଦା ସ୍ମରଣୀୟ ହୋଇ ରହିବ। ଆଥ୍‌ଲେଟ୍‌ରେ ଭାରତର ସ୍ପ୍ରିଣ୍ଟ କୁଇନ୍ ଭାବରେ ଖ୍ୟାତ ପି.ଟି. ଉଷାଙ୍କୁ ଆଦର୍ଶ ଭାବରେ ଗ୍ରହଣ କରିଛି। ୟୁକେଜିରେ ପଢୁଥିବା ବେଳେ ଯେତେବେଳେ ମୁଁ ପ୍ରଥମ ଥର ଆଥ୍‌ଲେଟ୍ ଚାମ୍ପିୟନ ହେଲି, ସେହି ସମୟକୁ କଦାପି ଭୁଲିପାରିବି ନାହିଁ। ଏସବୁ କ୍ଷେତ୍ରରେ ନିଜକୁ ଆହୁରି ଆଗେଇ ନେବା ପାଇଁ ଚେଷ୍ଟା କରୁଛି। ତା’ସହ ପାଠପଢ଼ାକୁ ମଧ୍ୟ ସମାନ ଗୁରୁତ୍ୱ ଦେଉଛି।’’ ପ୍ରତିଦିନ ନିଜର ବ୍ୟସ୍ତବହୁଳ ଦୈନନ୍ଦିନ ଜୀବନ ତାଲିକାରେ ଜେଜେମା’ଙ୍କ ସେବାକୁ ସାମିଲ କରିଛନ୍ତି ସେ। ଭବିଷ୍ୟତରେ ଡାକ୍ତର ହୋଇ ଜନସାଧାରଣଙ୍କର ସେବା କରିବାକୁ ଲକ୍ଷ୍ୟ ରଖିଛନ୍ତି ବିଶ୍ୱବନ୍ଦିତା।

## ଏଥରର ପ୍ରଶ୍ନ

### କେଉଁଟି ଅଲଗା

- ଛାତ୍ରୀ, ଗୁରୁଜୀ, ଛାତ୍ର, ଶ୍ରେଣୀ, ଗୁରୁମା
- ପ୍ରଥମ, ତୃତୀୟ, ପାଞ୍ଚ, ଦ୍ୱିତୀୟ, ଚତୁର୍ଥ
- ମୁହୂର୍ତ୍ତ, ଦୁଃଖ, ଖୁସି, ରାଗ, ଚିନ୍ତିତ
- ସୁନା, ରୁପା, ହୀରା, ତମ୍ବା, ପିତ୍ତଳ
- ପୃଥିବୀ, ମଙ୍ଗଳ, ଚନ୍ଦ୍ର, ଶୁକ୍ର, ବୁଧ


### ଆଗଥରର ଉତ୍ତର

* ଜଙ୍ଗଲ
* ଆସନ
* ଆଖି
* କ୍ୟାରମ
* ହାତୁଡି

# ଜଣା ଅଜଣା

✲ ମନୁଷ୍ୟମାନଙ୍କ ଭଳି ସିମ୍ପାଞ୍ଜିମାନେ ନିଜ କ୍ଷତର ଚିକିତ୍ସା ଏବଂ ରୋଗର ପ୍ରତିକାର ପାଇଁ ଔଷଧୀୟ ବୃକ୍ଷର ବ୍ୟବହାର କରିଥାନ୍ତି।






✲ ପରିବେଶବିତ୍‌ମାନେ ଏଭଳି ଏକ କଲମି ଗଛ ପ୍ରସ୍ତୁତ କରିଛନ୍ତି ଯେଉଁଥିରେ ପାଞ୍ଚ ଛଅ ପ୍ରକାର ଫଳ ଏକା ସଙ୍ଗେ ଫଳିପାରିବ। ଏହି ଗଛର ନାଆଁ ଦିଆଯାଇଛି ଫ୍ରୁଟ ସାଲାଡ ଟ୍ରି।

✲ କୁକୁରର ଘ୍ରାଣଶକ୍ତି ମନୁଷ୍ୟଙ୍କ ଘ୍ରାଣ ଶକ୍ତିଠାରୁ ୧୦ହଜାର ଗୁଣ ଅଧିକ।



✲ ଟ୍ରିଗର ଫିଶ୍ ଭଳି କିଛି ମାଛ ପ୍ରଜାତି ଅଛନ୍ତି ଯେଉଁମାନେ ପଛୁଆ ମଧ୍ୟ ପହଁରି ପାରନ୍ତି।






✲ ପୃଥିବୀର ପ୍ରାୟ ଏକ ତୃତୀୟାଂଶ ଭାଷା କେବଳ ଆଫ୍ରିକା ମହାଦେଶରେ କୁହାଯାଇଥାଏ।

✲ ଗୋଟିଏ ପ୍ରାପ୍ତବୟସ୍କ ହାତୀ ଦିନକୁ ପ୍ରାୟ ୩୦୦ କିଲୋଗ୍ରାମ ଖାଦ୍ୟ ଏବଂ ୧୬୦ ଲିଟର ପାଣି ଆବଶ୍ୟକ କରିଥାଏ।





ଅବନ୍ତିକା
୭ ବର୍ଷ

# ଆଇନା



ପ୍ରତ୍ୟୁଷା
୫ ବର୍ଷ



ରିୟା
୧୪ ବର୍ଷ